# ଢେଙ୍କାନାଳରୁ କୃଷ୍ଣ, କାମାକ୍ଷାନଗରରୁ ଶତ୍ରୁଘ୍ନ, ପରଜଙ୍ଗରୁ ଲଢ଼ିବେ ବିଭୂତି

## ୩ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପାର ପ୍ରାର୍ଥୀ ଘୋଷଣା

ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମଙ୍ଗଳବାର ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦଳ ପକ୍ଷରୁ କୌଣସି ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ତେବେ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦଳ ପୁନର୍ବାର ପ୍ରାର୍ଥୀ କରିଛି। ସେହିପରି କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ଶତ୍ରୁଘ୍ନ ଜେନା ଓ ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଭୂତି ଭୂଷଣ ପ୍ରଧାନଙ୍କୁ ଦଳ ପୁନଃ ପ୍ରାର୍ଥୀ କରିଛି।

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ହୋଇଥିବା କୃଷ୍ଣଚନ୍ଦ୍ର ପାତ୍ର ପ୍ରଥମେ


କୃଷ୍ଣଚନ୍ଦ୍ର ପାତ୍ର


ଶତ୍ରୁଘ୍ନ ଜେନା


ବିଭୂତି ଭୂଷଣ ପ୍ରଧାନ

୨୦୦୦ ମସିହାରେ ବିଜେଡି-ଭାଜପା ମେଣ୍ଟରେ ଭାଜପା ତରଫରୁ ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ। ତେବେ ସେ ୨୦୦୪ରେ ମେଣ୍ଟ ପକ୍ଷରୁ ପୁନଃ ପ୍ରାର୍ଥୀ ହୋଇଥିଲେ ହେଁ ପରାସ୍ତ ହୋଇଥିଲେ। ଏହାପରେ ଲଗାତର ୩ଟି ନିର୍ବାଚନ ୨୦୦୯, ୨୦୧୪ ଓ ୨୦୧୯ରେ ଦଳ ତାଙ୍କୁ ପ୍ରାର୍ଥୀ କରିଥିଲେ ହେଁ ସେ ପରାଜିତ ହୋଇଥିଲେ। ତଥାପି କୃଷ୍ଣଚନ୍ଦ୍ରଙ୍କ ଉପରେ ଦଳ ପୁଣିଥରେ ବିଶ୍ୱାସ ସ୍ଥାପନ କରିଛି। ସେହିପରି କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ଶତ୍ରୁଘ୍ନ ଜେନା ୨୦୧୯ରେ ଦଳୀୟ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ତାଙ୍କୁ ମଧ୍ୟ ଚଳିତ ନିର୍ବାଚନରେ ଦଳ ପୁଣିଥରେ ଟିକେଟ୍ ଦେଇଛି। ସେ ପୂର୍ବରୁ ଭୁବନ ବ୍ଲକ ଅଧ୍ୟକ୍ଷ ରହିଥିଲେ। ସେହିପରି ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଭୂତି ଭୂଷଣ ପ୍ରଧାନ ୨୦୦୯, ୨୦୧୪ ଓ ୨୦୧୯ରେ ଦଳୀୟ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ। ୨୦୧୯ରେ ସେ ବିଜେଡି ପ୍ରାର୍ଥୀଙ୍କ ଠାରୁ ମାତ୍ର ୭୪୦ ଭୋଟରେ ପରାସ୍ତ ହୋଇଥିଲେ। ଏଥିପୂର୍ବରୁ ସେ ୧୯୯୫ରେ ପାଲଲହଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇ ନ ଥିବାରୁ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଜେଡି ପକ୍ଷରୁ ମଧ୍ୟ ହିନ୍ଦୋଳ ନିର୍ବାଚନମଣ୍ଡଳୀ ପାଇଁ ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ସୁଦ୍ଧା ଘୋଷଣା ହୋଇନାହିଁ। ବିଜେଡି ଓ ଭାଜପା ପ୍ରାର୍ଥୀ ଘୋଷଣା କରିବା ପରେ ଢେଙ୍କାନାଳ ରାଜନୈତିକ ବାତାବରଣରେ ଉଷ୍ମତା ବୃଦ୍ଧି ପାଇଛି।

### ଝୁଲାଇ ରଖିଲା କଂଗ୍ରେସ

ଢେଙ୍କାନାଳ,୨।୪(ରତନ ନାୟାର)

କଂଗ୍ରେସ ପକ୍ଷରୁ ରାଜ୍ୟରେ ୪୯ଟି ବିଧାନସଭା ଓ ୮ଟି ଲୋକ ସଭା ପାଇଁ ମଙ୍ଗଳବାର ପ୍ରାର୍ଥୀ ଘୋଷଣା କରାଯାଇଛି। ବିଧାନସଭା ପ୍ରାର୍ଥୀ ଘୋଷଣା ତାଲିକାରେ ଢେଙ୍କାନାଳ ଜିଲାର ୪ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ କୌଣସି ପ୍ରାର୍ଥୀ ଘୋଷଣା ହୋଇନାହିଁ। ଫଳରେ ଆଶାୟୀମାନେ ଆଶଙ୍କାରେ ରହିଛନ୍ତି। ଏ ସଂକ୍ରାନ୍ତରେ ଜିଲା କଂଗ୍ରେସ ସଭାପତି ସୁନୀଲ କୁମାର ଦାଶ କହିଛନ୍ତି, ଯେଉଁମାନେ ୨୦୧୯ ନିର୍ବାଚନରେ ଅଳ୍ପ ଭୋଟରେ ପରାସ୍ତ ହୋଇଥିଲେ ଏବଂ ଯେଉଁମାନେ ବିଜୟୀ ହୋଇଥିଲେ, ସେମାନଙ୍କୁ ଅଗ୍ରାଧିକାର ଦେଇ ପ୍ରଥମ ପର୍ଯ୍ୟାୟରେ ତାଲିକା ଘୋଷିତ ହୋଇଛି। ଆସନ୍ତା ଦୁଇ ତିନିଦିନ ମଧ୍ୟରେ ଢେଙ୍କାନାଳ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ହେବାର ସମ୍ଭାବନା ରହିଛି।

## ଆମ୍ବପଡ଼ାରେ ରାଧାକୃଷ୍ଣଙ୍କ ନୂତନ ମନ୍ଦିର ପ୍ରତିଷ୍ଠା


ମନ୍ଦିର ପ୍ରତିଷ୍ଠା ଅବସରରେ ଲଉଡିବାଡି ଖେଳ।

ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୁଳସ୍ଥିତ ଆମ୍ବପଡ଼ା ଗ୍ରାମରେ ରାଧାକୃଷ୍ଣଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଯାଦବ ସମାଜ ପକ୍ଷରୁ ପ୍ରଥମ ଦିବସରେ ଏକ କଳସ ଶୋଭାଯାତ୍ରା ଆୟୋଜନ ପରେ ମଣ୍ଡଳକରଣ, ଯଜ୍ଞଶାଳା ପୂଜା, ଅଗ୍ନି ସ୍ଥାପନ ଓ ଧାନଧିବାସ କରାଯାଇଥିଲା। ଦ୍ୱିତୀୟ ଦିବସରେ ସୂର୍ଯ୍ୟପୂଜା, ଶାଳାପୂଜା, ବିଗ୍ରହଙ୍କ ମହାସ୍ନାନ, ଜୀବନ୍ୟାସ ଓ ପୂର୍ଣ୍ଣାହୂତି କରାଯାଇଥିଲା। ସୁରପ୍ରତାପପୁର, ଗୋବିନ୍ଦପୁର, ଅଳାଁପାଳ, ଆଦିପୁରା, ଖଙ୍କର ଆଦି ଯାଦବ ଭାଇମାନଙ୍କ ଦ୍ୱାରା ଲଉଡିବାଡି ଖେଳ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଆମ୍ବପଡ଼ା ଗ୍ରାମ ଯାଦବ ସମାଜ ସଭାପତି ବୁଦ୍ଧିମନ୍ତ ପୃଷ୍ଟି, ଉଦୟ ବେହେରା, ଗଜେନ୍ଦ୍ର ପୃଷ୍ଟି, ଭୀମସେନ ପୃଷ୍ଟି, ଭରତ ବେହେରା, ଶ୍ରୀନିବାସ ବେହେରା, ପଦ୍ମଲାଭ ବେହେରା, ବଳରାମ ପୃଷ୍ଟି, ବାଳକୃଷ୍ଣ ବେହେରା, ଝାଟିଆ ବେହେରା, ବିପିନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅକ୍ଷୟ ମହାନ୍ତି, ଶାନ୍ତିଭୂଷଣ ଭାଜପାରେ ଯୋଗଦେଲେ

### ଭାଜପାର ମିଶ୍ରଣ ପର୍ବ

ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟଠାରେ ମଙ୍ଗଳବାର ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ନିକଟରେ ବିଜେଡି ଛାଡିଥିବା ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି ଓ ବିଜେଡି ନେତା ଡା. ଶାନ୍ତିଭୂଷଣ ପଣ୍ଡା ନିଜ ସମର୍ଥକମାନଙ୍କ ଗହଣରେ ଆସି ଭାଜପାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର, କାମାକ୍ଷାନଗର


କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଭାଜପାର ମିଶ୍ରଣ ପର୍ବ।

ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ରାଜ୍ୟ ଉପସଭାପତି ସୀମାଞ୍ଚଳ ଖଟେଇ, ଗୋଲେଖ ପ୍ରସାଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ଓ ଅଞ୍ଜଳି ବେହେରା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମାତୃପ୍ରସାଦ ନନ୍ଦ, ସୁନୀଲ ଶର୍ମା, ସତ୍ୟ ନାରାୟଣ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଖୀ ବୁଥ୍ ପରିଦର୍ଶନ

ଆଠମଲ୍ଲିକ,୨।୪ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଠମଲ୍ଲିକ ଏନ୍ଏସି ମଧ୍ୟରେ ହୋଇଥିବା ୯ଟି ସଖୀ ବୁଥ୍‌କୁ ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଡ. ଜିତେନ୍ଦ୍ର କୁମାର ପାତ୍ର ପରିଦର୍ଶନରେ ଯାଇ ଅଭାବ ଅସୁବିଧା ବୁଝିବା ସହିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୩ଟି ସଖୀ ବୁଥ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧, ଟାଉନ ବଏଜ ସ୍କୁଲରେ ୧, ବରଗାଁ ଉପ୍ରା ବିଦ୍ୟାଳୟରେ ୨ଟି, ହରିଡାନାଲି ପ୍ରାଥମିକ ବିଦ୍ୟାଳୟରେ ୧ ସଖୀ ବୁଥକୁ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନରେ ଡ. ପାତ୍ରଙ୍କ ସମେତ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଉପସ୍ଥିତ ଥିଲେ।



## ତୀର୍ଥ ଭ୍ରମଣ କଲେ ବରିଷ୍ଠ ନାଗରିକ ଗୃହ ଅନ୍ତେବାସୀ



ବରିଷ୍ଠ ନାଗରିକ ଗୃହ ଅନ୍ତେବାସୀଙ୍କ ତୀର୍ଥ ଭ୍ରମଣ।

ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ କାଠଗଡାଠାରେ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ କୁଞ୍ଜବିହାରୀ ବରିଷ୍ଠ ନାଗରିକ ଗୃହର ଅନ୍ତେବାସୀମାନେ ମଙ୍ଗଳବାର ତୀର୍ଥ ଭ୍ରମଣ କରିଥିଲେ। ୨୫ଜଣ ଅନ୍ତେବାସୀଙ୍କୁ ନେଇ ଯାଜପୁର ଜିଲାର ଛତିଆବଟ, ଅମରାବତି ପୀଠ, ଢେଙ୍କାନାଳ ଜିଲାର ଖଙ୍କିରା ମା ତାରିଣୀ ପୀଠ, ବିରାଡିଆ ଦତ୍ତାତ୍ରେୟ ସାଇ ମନ୍ଦିର ଓ ବଳରାମ ମନ୍ଦିର ଆଦି ତୀର୍ଥ ଭ୍ରମଣ କରାଯାଇଥିଲା। ଅନ୍ତେବାସୀମାନେ ମଧ୍ୟାହ୍ନରେ ଖଙ୍କିରାଠାରେ ଅନ୍ନ ପ୍ରସାଦ ଭୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁରେଶ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା, ସିତାଂଶୁ କୁମାର ପଣ୍ଡା, ଗୀତାଞ୍ଜଳି ପଣ୍ଡା, ଗାୟିତ୍ରୀ ମିଶ୍ର, ତପସ୍ୱିନୀ ନାୟକ, ପ୍ରମୋଦ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ଗଣେଶ ବଜାର ଅଞ୍ଚଳର ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ


ଗଣେଶ ବଜାର ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ଗୃହରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଓ ଯୁବଗୋଷ୍ଠୀଙ୍କୁ ମଙ୍ଗଳବାର ଏକ କାର୍ଯ୍ୟକ୍ରମରେ ବିଧାୟକ ତଥା ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସୁଧୀର କୁମାର ସାମଲ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଧାୟକ କହିଲେ, ଗଣେଶ ବଜାର ଅଞ୍ଚଳରେ ମା' ସୌଭାଗ୍ୟ ଲକ୍ଷ୍ମୀଙ୍କ ଦର୍ଶନ କରି ତାଙ୍କର ଆଶୀର୍ବାଦ ନେଇଛି। ଢେଙ୍କାନାଳରେ ପାନୀୟଜଳ ସମସ୍ୟା, ସ୍ୱେରେଜ ସମସ୍ୟା ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଆଗାମୀ ନିର୍ବାଚନ ପାଇଁ ତାଙ୍କୁ ଓ ବିଜେଡି ଲୋକ ସଭା ପ୍ରାର୍ଥୀ ଅବିନାଶ ସାମଲଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବା ପାଇଁ ସେ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣେଶ ବଜାର ପୂଜା କମିଟି ସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ ମହମ୍ମଦ ରଫିକ୍, ଅଧ୍ୟକ୍ଷ ଶେଖ ହୁସେନଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉପଦେଷ୍ଟା ବିଶ୍ୱନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଶରତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଦେବାଶିଷ ମିଶ୍ର, ବିନୋଦ ମହାନ୍ତି ଓ ଶ୍ରୀକାନ୍ତ ଧଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଲୋକଙ୍କ ସେବା କରିବାର ସୁଯୋଗ ମିଳିଛି

### ନବାହ୍ନ ପାରାୟଣରେ ସାମିଲ ହେଲେ ଅବିନାଶ

ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ବିଜେଡି ଲୋକ ସଭା ପ୍ରାର୍ଥୀ ଡା. ଅବିନାଶ ସାମଲ ମଙ୍ଗଳବାର ଜିଲାର ଓଡ଼ାପଡ଼ା ବ୍ଲକ ତଥା ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର ଗଦାଶିଳାଠାରେ ଅନୁଷ୍ଠିତ ହେଉଥିବା ନବାହ୍ନ ପାରାୟଣରେ ସାମିଲ ହୋଇ ମହାପ୍ରଭୁ ରାମସୀତାଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ସେ କହିଲେ, ଲୋକଙ୍କ ସେବା କରିବାର ସୁଯୋଗ ମିଳିଛି। ଏଥିପୂର୍ବରୁ ତାଙ୍କୁ ଏକ ଶୋଭାଯାତ୍ରାରେ ମହେନ୍ଦ୍ରପୁର, ସାଇଁବିରି, ଗଦାଶିଳା, ଚାଇଁପୁର ଗ୍ରାମ ପରିକ୍ରମା କରାଯାଇ ପାରାୟଣ ମଣ୍ଡପକୁ


ଶୋଭାଯାତ୍ରାରେ ଶ୍ରଦ୍ଧାଳୁଙ୍କ ଗହଣରେ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ।

ଅଣାଯାଇଥିଲା। ଭଜନ, କୀର୍ତ୍ତନ ସହିତ ଗୋପାଳଲଉଡି ଦଳଙ୍କ ସହିତ ଶତାଧିକ ଭକ୍ତ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡା. ଅବିନାଶ ସାମଲଙ୍କ ସହିତ ଅଖିଳ କୁମାର ମହାପାତ୍ର, ଜିଲା ପରିଷଦ ସଦସ୍ୟ ବାଳକୃଷ୍ଣ ସାହୁ, ସରପଞ୍ଚ ପ୍ରତାପ କୁମାର ସାହୁ, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସାହୁ, ପ୍ରଭାସ କୁମାର ସାହୁଙ୍କ ସମେତ ପୁରୁଷୋତ୍ତମ ରାଉତ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହାପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।

## ଆଚରଣବିଧି ଉଲ୍ଲଂଘନ ଅଭିଯୋଗ କଲା ଭାଜପା


ଭାଜପା ପକ୍ଷରୁ ଅଭିଯୋଗ କରାଯାଉଛି।

କାମାକ୍ଷାନଗର,୨।୪
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡାହାଡ଼ ବ୍ଲକ ମରୁଆବିଲି ପଞ୍ଚାୟତ ପିତଳଧୁଆ ଗ୍ରାମ ବେଲବଣୀ ସାହିରେ ସୋମବାର ବିଜେଡି ତରଫରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସେଠାରେ ପରଜଙ୍ଗ ବିଧାୟକ ନୃସିଂହ ସାହୁ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ କରୁଣାକର ହେମ୍ବ୍ରମ ଉପସ୍ଥିତ ରହି ମହିଳାମାନଙ୍କୁ ଲୁଗା ବଣ୍ଟନ କରିବା କରିଥିବା ସାମାଜିକ ଗଣମାଧ୍ୟମରେ ଫଟୋ ଆସିବା ପରେ ଭାଜପା ତରଫରୁ କାମାକ୍ଷାନଗର ଠାରେ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଢେଙ୍କାନାଳ ଅତିରିକ୍ତ ଜିଲାପାଳ ଅନିତା ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରାଯାଇଥିବା ଅଭିଯୋଗ କରାଯାଇଛି। ଏହି ପ୍ରତିନିଧି ଦଳରେ ଭାଜପା ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ରାସବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗା ଚରଣ ସାହୁ, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଦୀପକ ଗୋଛାୟତଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

## ୪ ସ୍ଥାନରେ ପୁରୁଣା, ସଞ୍ଜୀବ ନୂଆ ମୁହଁ

### ଅନୁଗୋଳ ଜିଲା ପାଇଁ ଭାଜପାର ପ୍ରାର୍ଥୀ ଘୋଷଣା

ଅନୁଗୋଳ,୨।୪
(ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ଥିବା ୫ ବିଧାନସଭାକ୍ଷେତ୍ର ଅନୁଗୋଳ, ତାଳଚେର, ପାଲଲହଡ଼ା, ଛେଣ୍ଡିପଦା ଓ ଆଠମଲ୍ଲିକ ପାଇଁ ମଙ୍ଗଳବାର ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ତେବେ କେବଳ ଆଠମଲ୍ଲିକକୁ ବାଦ୍ ଦେଲେ ଅନ୍ୟ ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳ ପକ୍ଷରୁ ପୁରୁଣା ମୁହଁ ଅର୍ଥାତ୍ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ନେତାମାନଙ୍କୁ ଟିକେଟ୍ ଦିଆଯାଇଛି। ଅନୁଗୋଳରୁ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଦଳ ପୁଣି ପ୍ରାର୍ଥୀ କରିଥିବା ବେଳେ ଛେଣ୍ଡିପଦାରୁ ଅଗସ୍ତି ବେହେରା, ତାଳଚେରରୁ କାଳନ୍ଦୀ ଚରଣ ସାମଲ, ପାଲଲହଡ଼ାରୁ ଅଶୋକ ମହାନ୍ତିଙ୍କୁ ଦଳ ପ୍ରାର୍ଥୀ କରିଛି। କିନ୍ତୁ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଦଳ ଗତଥରର ପ୍ରାର୍ଥୀ ଭାଗୀରଥି ପ୍ରଧାନଙ୍କ ସ୍ଥାନରେ ସଞ୍ଜୀବ ସାହୁଙ୍କୁ ଟିକେଟ୍ ପ୍ରଦାନ କରିଛି। ତେବେ ଟିକେଟ୍ ପାଇବା ପରେ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ବେଶ୍ ଉତ୍ସାହିତ ରହିଛନ୍ତି।

ଦୀର୍ଘବର୍ଷ ହେବ ଅନୁଗୋଳ ଜିଲାକୁ ବିଜେଡି ନିଜ ଅକ୍ତିଆରରେ ରଖିଆସିଛି। ଗତ ନିର୍ବାଚନରେ ବିଜେଡି ୫ ବିଧାନସଭା ଆସନରେ ବିଜୟୀ ହୋଇଥିଲା। ତେବେ ଅନୁଗୋଳ ଓ ଛେଣ୍ଡିପଦାରେ ଭାଜପା କଡ଼ା ଟକ୍କର ଦେଇଥିଲା। ଏଠାରେ ଭାଜପା ପ୍ରାର୍ଥୀ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ପ୍ରତାପ ଚନ୍ଦ୍ର ପ୍ରଧାନ ଗତ ସାଧାରଣ ନିର୍ବାଚନରେ ୮,୮୨୮ ଖଣ୍ଡ ଭୋଟରେ ହାରିଯାଇଥିଲେ। ତେଣୁ ଚଳିତ ନିର୍ବାଚନରେ କିପରି ପ୍ରତାପ ସଫଳ ହେବେ ସେଥିପାଇଁ


ଅଗସ୍ତି ବେହେରା।


ଅଶୋକ ମହାନ୍ତି।


କାଳନ୍ଦୀ ସାମଲ।


ପ୍ରତାପ ଚନ୍ଦ୍ର ପ୍ରଧାନ।


ସଞ୍ଜୀବ ସାହୁ।

ରଣନୀତି ପ୍ରସ୍ତୁତ କରିଥିବା ତାଙ୍କ ସମର୍ଥକମାନେ କହିଛନ୍ତି। ସେହିଭଳି ଛେଣ୍ଡିପଦାରେ ଭାଜପାର ବିଧାୟକ ପ୍ରାର୍ଥୀ ହୋଇଥିବା ଅଗସ୍ତି ବେହେରା ମଧ୍ୟ ଗତ ନିର୍ବାଚନରେ ୬,୭୯୪ ଭୋଟ୍‌ରେ ପରାସ୍ତ ହୋଇଥିଲେ। ଗତ ନିର୍ବାଚନକୁ ନେଇ ତର୍ଜମା କରିଥିବାରୁ ଏଥର ସେ ସଫଳତା ପାଇବେ ବୋଲି ଦଳୀୟ କର୍ମୀମାନେ ଆଶା ବାନ୍ଧିଛନ୍ତି। ତାଳଚେର ନିର୍ବାଚନମଣ୍ଡଳୀରେ କାଳନ୍ଦୀ ଚରଣ ସାମଲ ଭାଜପାର ବିଧାନସଭା ପ୍ରାର୍ଥୀ ହୋଇଛନ୍ତି। ସେ ଗତ ନିର୍ବାଚନରେ ୨୪,୧୦୨ ଭୋଟରେ ବିଜେଡିଠାରୁ ପଛରେ ରହିଯାଇଥିଲେ। ସେହି ସ୍ଥିତିକୁ ଏଥର କିଭଳି ପରିବର୍ତ୍ତନ କରାଯାଇପାରିବ ତାହା ଦଳ ପାଇଁ ଗୁରୁତ୍ୱ ବହନ କରୁଛି। ପାଲଲହଡ଼ାରେ ଭାଜପା ପ୍ରାର୍ଥୀ ହୋଇଥିବା ଅଶୋକ ମହାନ୍ତି ଗତଥର ପରାସ୍ତ ହୋଇଥିଲେ। ତେଣୁ ଏଥର ନିର୍ବାଚନରେ ସେ ସଫଳ ହେଉଛନ୍ତି କି ନାହିଁ ତାହା ଆଗାମୀ ଦିନରେ ଜଣାପଡ଼ିବ। ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ବେଶ୍ ଛକାପଞ୍ଝା ଦେଖିବାକୁ ମିଳିଛି। ବିଜେଡି ଏଯାଏ ତାହାର ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ଭାଜପା ନୂଆ ମୁହଁ ଭାବେ ସଞ୍ଜୀବଙ୍କୁ ପ୍ରାର୍ଥୀ କରିଛି। ସଞ୍ଜୀବ ପୂର୍ବରୁ ଏଠାରେ ବିଜେଡି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିବାରୁ ତାଙ୍କର ସେହି ଅଭିଜ୍ଞତା କାମରେ ଲଗାଇପାରିବେ ବୋଲି ଦଳ ଆଶା କରିଛି। ଅନ୍ୟପକ୍ଷରେ ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନରେ ଅନୁଗୋଳ ଜିଲାର ଆଠମଲ୍ଲିକ ଓ ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀ ଆସୁଛି। ଏଥିସହ ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକ ସଭା ପ୍ରାର୍ଥୀ ହୋଇଥିବାରୁ ଛେଣ୍ଡିପଦା ଓ ଆଠମଲ୍ଲିକର ଭାଜପା କର୍ମୀମାନେ ଅଧିକ ଉତ୍ସାହର ସହ କାମ କରିବେ ବୋଲି ଦଳ ଆଶା ବାନ୍ଧିଛି।

# ଅଭିଯୋଗ ପାଇଁ ଯିବାକୁ ପଡୁଛି ୧୬ କି.ମି.

■ ଟାପଢୋଲ ଫାଣ୍ଡିରେ ରହୁନାହାନ୍ତି ଅଧିକାରୀ

■ ଡିଜିପିଙ୍କ ପାଖରେ ଅଭିଯୋଗ କଲେ ଗ୍ରାମବାସୀ

ବଇଣ୍ଡା,୨।୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଟାପଢୋଲ ଫାଣ୍ଡି ଅଞ୍ଚଳରେ ଏବେ ଆଇନଶୃଙ୍ଖଳା ହୁଗୁଳା ହୋଇପଡିଛି। ଏହି ଫାଣ୍ଡିରେ ଅଧିକାରୀ ଠିକ ଭାବରେ ରହୁ ନ ଥିବା ଯୋଗୁ ଅଞ୍ଚଳରେ ଅପରାଧ ସଂଖ୍ୟା ବଢିବାରେ ଲାଗିଛି। ନୂତନ ଅଧିକାରୀ ନିଯୁକ୍ତ ହୋଇଥିବା ବେଳେ ଉକ୍ତ ଫାଣ୍ଡି ଅଧିକାରୀ ଟାପଢୋଲ ଅଞ୍ଚଳରେ ରହୁ ନ ଥିବାରୁ ଅଞ୍ଚଳବାସୀ ପୋଲିସ ସେବା ଠିକ ଭାବରେ ପାଉନାହାନ୍ତି। ଏ ନେଇ ଟାପଢୋଲ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହିତ ସୋମବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇଛନ୍ତି। ଏହାର ଏକ ନକଲ ଅନୁଗୋଳ ଏସ୍‌ପି, କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ସାପଘରା, ପାଇକସାହି, ଟାପଢୋଲ, କନ୍ତପଡ଼ା ପଞ୍ଚାୟତର ୧୫ ହଜାର ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ସରକାର ଟାପଢୋଲ ଅଞ୍ଚଳରେ ଫାଣ୍ଡି ସ୍ଥାପନ କରିଛନ୍ତି। ଏହା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଧୀନରେ ଥିବା ବେଳେ ଏହି ଫାଣ୍ଡିରେ ସେବା ଯୋଗାଇ ଦେବା ପାଇଁ କର୍ମଚାରୀ ନିଯୁକ୍ତି କରାଯାଇଛି। ହେଲେ ୪ ଜଣ କନଷ୍ଟେବଲ ଆବଶ୍ୟକ ଥିବାବେଳେ ମାତ୍ର ୨ ଜଣ ଓ ଜଣେ ଏସ୍‌ଆଇଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ଫାଣ୍ଡି ଏସ୍‌ଆଇ ଜଣଙ୍କ ଟାପଢୋଲ ଅଞ୍ଚଳରେ ରହିବା ପରିବର୍ତ୍ତେ ଠାକୁରଗଡ଼ରେ ରହୁଛନ୍ତି। ଏହି ଫାଣ୍ଡି ଅଞ୍ଚଳରେ ଥିବା ଜଙ୍ଗଲଗୁଡିକରେ କିଛି ବର୍ଷ ପୂର୍ବେ ମାଓବାଦୀମାନଙ୍କ ଚଳପ୍ରଚଳ ଥିବାରୁ ଲୋକମାନେ ସୁରକ୍ଷିତ ମନେ କରୁନାହାନ୍ତି। ବିଶେଷକରି ଏହି ଫାଣ୍ଡିକୁ ଅଧିକାରୀ କାଁ ଭାଁ ଆସୁଥିବା ବେଳେ ଏହାର ସୁଯୋଗ ନେଇ ମଦ ମାଫିଆ ଓ କାଠ ମାଫିଆମାନେ ନିରାପଦରେ ମାତ୍ରାଧିକ ବ୍ୟବସାୟ କରୁଛନ୍ତି। ଏପରିକି ଏହି ପଞ୍ଚାୟତ ଗୁଡିକର ଅନେକ ଗାଁରେ ଏବେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଅନେକ ସମୟରେ ସାମାନ୍ୟ ଗଣ୍ଡଗୋଳ ସୃଷ୍ଟି ହେଲେ ଅଭିଯୋଗକାରୀମାନେ ଟାପଢୋଲ ଫାଣ୍ଡି ଯିବା ପରିବର୍ତ୍ତେ ୧୬ କି.ମି. ଦୂର ଠାକୁରଗଡ଼ ଥାନାକୁ ଯାଉଛନ୍ତି। ସେହିପରି ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଚୋରାରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଗୋରୁ ଚାଲାଣ ବୃଦ୍ଧିପାଇଛି। ତୁରନ୍ତ ଉକ୍ତ ଫାଣ୍ଡି ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରି ନୂତନ ଅଧିକାରୀ ନିଯୁକ୍ତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଠାକୁରଗଡ଼ ଥାନା ଆଇଆଇସି ନଟବର ନନ୍ଦ କହିଛନ୍ତି, ଫାଣ୍ଡି ପାଇଁ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ସେ ଫାଣ୍ଡିରେ ଠିକ୍ ଭାବରେ ରହୁ ନ ଥିବା ଅଭିଯୋଗ ପରେ ତାଙ୍କୁ ତାଗିଦ କରାଯାଇଛି। ଏ ସମ୍ପର୍କରେ ଜିଲା ପୋଲିସ କାର୍ଯ୍ୟାଳୟକୁ ମଧ୍ୟ ଅବଗତ କରାଯିବ।



ଠାକୁରଗଡ଼ ଥାନା ଅଧୀନରେ ଥିବା ଟାପଢୋଲ ଫାଣ୍ଡି।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ବଇଣ୍ଡା, ୨।୪ (ପରିକ୍ଷିତ ସାହୁ)

କିଶୋରନଗର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଯୁବକ ଏସ୍. ଶାସିନୀ ବଳାତ୍କାର ଉଦ୍ୟମ କରିଥିବା ଥାନାରେ ରବିବାର ଅଭିଯୋଗ ହୋଇଛି। ସମ୍ପୃକ୍ତା ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୭୮/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ସମ୍ପୃକ୍ତା ମହିଳା ଏକୁଟିଆ ଥିବା ବେଳେ ଏହାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କ ଘରକୁ ବିଳମ୍ବିତ ରାତିରେ ଯାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିଥିଲେ। ସେ ରାଜିନ ହେବାରୁ ବଳାତ୍କାର ଉଦ୍ୟମ କରିଥିବା ଥାନାରେ ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି।

## ବାଇକ୍ ଜବତ, ଜଣେ ଗିରଫ

ବଇଣ୍ଡା,୨।୪ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ପୋଲିସ ମଙ୍ଗଳବାର ଗୁଣ୍ଡୁରୀମୁଣ୍ଡା ଗ୍ରାମ ନିକଟରୁ ଏକ ବାଇକ୍‌କୁ ଜବତ କରିଛି। ଏଥିସହ ଗୁଣ୍ଡୁରୀମୁଣ୍ଡା ଗ୍ରାମର ସୁକାନ୍ତ ବେହେରାଙ୍କୁ ଗିରଫ କରିଛି। ସେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ବେଳେ ପୋଲିସ ଯାଞ୍ଚ କରି ଗିରଫ କରିଥିଲା। ଏ ନେଇ ନମ୍ବର ୧୩୪/୨୪ରେ ଏକ ମାମଲା ରୁଜୁ କରାଯାଇଛି।

## ବିଦ୍ୟାରମ୍ଭ ସଂସ୍କାର ଦିବସ କାର୍ଯ୍ୟକ୍ରମ


ବୌଦ୍ଧିକ ମଣ୍ଡପରେ ପୁରୋହିତଙ୍କ ଦ୍ୱାରା ବିଦ୍ୟାରମ୍ଭ ସଂସ୍କାର ହୋମ ଯଜ୍ଞ କରାଯାଉଛି।

ଛେଣ୍ଡିପଦା,୨।୪ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋଶଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାରମ୍ଭ ସଂସ୍କାର କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଭୋଗ ସାମଗ୍ରୀ ସହ ଉପସ୍ଥିତ ଥିଲେ। ପରେ ବିଦ୍ୟାଳୟର ବୌଦ୍ଧିକ ମଣ୍ଡପରେ ପୁରୋହିତଙ୍କ ଦ୍ୱାରା ବିଦ୍ୟାରମ୍ଭ ସଂସ୍କାର ହୋମ ଯଜ୍ଞ କାର୍ଯ୍ୟକ୍ରମ ହୋଇ ପ୍ରସାଦ ସେବନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ଶୁଭ୍ରାଂଶୁ ଶେଖର ମହାପାତ୍ରଙ୍କ ସମେତ ଅଭିଭାବକ, ସମସ୍ତ ଗୁରୁମା ଗୁରୁଜୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମହିଳାଙ୍କୁ ଅଶାଳୀନ ଆଚରଣ ଅଭିଯୋଗ


ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମର ମହିଳା ଓ ପୁରୁଷମାନେ।

କଣିହାଁ,୨।୪(ସଚ୍ଚିଦାନନ୍ଦ ପ୍ରଧାନ)

ଦୋଳ ଉତ୍ସବ ଦେଖିବାକୁ ଯାଇଥିବା ମହିଳାମାନଙ୍କୁ ଅଶାଳୀନ ଆଚରଣ କରାଯାଇଥିବା ଅଭିଯୋଗକୁ ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଏକ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଣିହାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାରୁ ଜଣାଯାଏ, ଉକ୍ତ ଗ୍ରାମରେ ଗତ ୨୫ ତାରିଖରେ ଦୋଳ ପୂର୍ଣ୍ଣିମା ଉତ୍ସବ ପାଳନ ହୋଇଥିଲା। ରାତିରେ ଯାତ୍ରା ଉତ୍ସବ ଦେଖିବାକୁ ସମିତିସଭ୍ୟାଙ୍କ ସହିତ ଅନେକ ମହିଳା ଯାଇଥିଲେ। ବିଳମ୍ବିତ ରାତିରେ ପଡ଼ିଶା ଗ୍ରାମର ଜନୈକ ଯୁବକ ଓ ସହଯୋଗୀ ଅଶାଳୀନ ଆଚରଣ କରିଥିଲେ। ଏ ନେଇ ସେମାନେ ଗ୍ରାମ ପରିଚାଳନା କମିଟିକୁ ଜଣାଇଥିଲେ। ଗ୍ରାମ ପରିଚାଳନା କମିଟି ପକ୍ଷରୁ କୌଣସି ପଦକ୍ଷେପ ନିଆ ଗଲେ ଡେରେଙ୍ଗ ସାପ୍ତାହିକ ହାଟକୁ ଗଲେ ହଇରାଣ କରିବାକୁ ଅଭିଯୁକ୍ତ ଧମକ ଦେଇଥିଲେ। ଏ ନେଇ ଗତ ୩୧ ତାରିଖରେ ପୋଲିସରେ ଅଭିଯୋଗ ହୋଇଥିଲା। ଥାନା ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ କରା ନ ଯିବାରୁ ନ୍ୟାୟ ଆଶାରେ ଶତାଧିକ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ପାଇଁ ଥାନାରେ ଆଲୋଚନା ଚାଲିଥିବା ଜଣାପଡିଛି।

# କଳମଛୁଇଁ ଶିଶୁମନ୍ଦିରରେ ଓଡ଼ିଶା ଦିବସ

ତାଳଚେର,୨।୪ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୱତ ପରିଷଦ ସଭାପତି ଶିକ୍ଷାବିତ୍ ଦିବାକର ବାରିକ, ସମ୍ମାନିତ ଅତିଥି ଭାବେ ଉପସଭାପତି ତପନ କୁମାର ସାହୁ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିକ୍ରମ ଜେନା, କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଓ ମୁଖ୍ୟବକ୍ତା ଭାବରେ ଆଚାର୍ଯ୍ୟ ମଳୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଆଚାର୍ଯ୍ୟ ଅଜୟ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ଦମୟନ୍ତୀ ନନ୍ଦ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ବୀରେନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଟଙ୍କଧର ଶତପଥୀଙ୍କ ପୌରୋହିତ୍ୟରେ ଉପସଭାପତି ତପନ କୁମାର ସାହୁ ଓ ସୁଶ୍ରୀ ସଙ୍ଗୀତା ସାହୁ କର୍ତ୍ତା ଭାବରେ ଯୋଗ ଦେଇଥିଲେ। ନୂତନ ଭାବରେ ବିଦ୍ୟାଳୟରେ ନାମ ଲେଖାଇଥିବା ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକ ଏହି ଯଜ୍ଞରେ ଯୋଗ ଦେଇଥିଲେ। ଏହାସହିତ ବିଦ୍ୟାଳୟର ଏକ ନୂତନ ବୌଦ୍ଧିକ ମଣ୍ଡପକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଆଚାର୍ଯ୍ୟ ଅନିଲ କୁମାର ସାହୁ, ଭଗବାନ ବେହେରା, କୁମୁଦ ଚନ୍ଦ୍ର ବେହେରା, ବସନ୍ତ ମହାନ୍ତି, ଚତୁର୍ଭୁଜ ସାହୁ, ଅର୍ଚ୍ଚନା ସାହୁ, ସୁକନ୍ୟା ମାଝି, ସଞ୍ଜୟ ସାଲିମା, ବିକାଶ ଚନ୍ଦ୍ର ପ୍ରଧାନ, ଲିନାଲିନ୍ ବିଶ୍ୱାଳ, ସୁଶ୍ରୀ ତ୍ରିପାଠୀ, କୁମୁଦ ସାହୁଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ଉପସ୍ଥିତ ଥିଲେ।



ଓଡ଼ିଶା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

# ସ୍ମେଲଟର ପ୍ଲାଣ୍ଟ ସମ୍ମୁଖରେ ଧାରଣା



ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ସମ୍ମୁଖରେ ଧାରଣା ଦିଆଯାଇଛି।

ବଆଁରପାଳ/ଅନୁଗୋଳ, ୨।୪(ଅମିତ କୁମାର ସାମଲ)

ବଆଁରପାଳ ବ୍ଲକ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ଏକ ଠିକା ସଂସ୍ଥା ଅଧୀନରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବଆଁରପାଳ ଥାନା ବନ୍ଧା ଗ୍ରାମର ଶଙ୍କର ସାହୁ (୫୩)ଙ୍କ କୌଣସି କାରଣରୁ ସୋମବାର ରାତି ୨ଟାରେ ମୃତ୍ୟୁ ହୋଇଥିଲା। ଖବରପାଇ ମୃତ ଶ୍ରମିକଙ୍କ ପରିବାର ଓ ଗ୍ରାମବାସୀ ମୃତଦେହ ଆମ୍ବୁଲାନ୍ସରେ ଆଣି ସ୍ମେଲଟର ଗେଟ ସମ୍ମୁଖରେ ରଖି ଧାରଣା ଦେଇଥିଲେ। ଆଲୋଚନା ପରେ ପରିବାରର ଜଣକୁ ଠିକା ଶ୍ରମିକ ଭାବେ ନିଯୁକ୍ତି ଦିଆଯିବାକୁ ପ୍ରତିଶ୍ରୁତି ଦିଆଯିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଇଷ୍ଟଦେବଙ୍କୁ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

କଣିହାଁ,୨।୪ (ସଚ୍ଚିଦାନନ୍ଦ ପ୍ରଧାନ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଅନୁଗୋଳ ଜିଲା କଣିହାଁ ଗସ୍ତରେ ଆସି ନିଜ ଜନ୍ମମାଟି ଦଳକ ପଞ୍ଚାୟତର ନାଳମ ଗ୍ରାମର ତଥା ନିଜ ଇଷ୍ଟଦେବ ନୃସିଂହ ନାଥଙ୍କୁ ଦର୍ଶନ କରିଥିଲେ। ସେ ସମ୍ବଲପୁରରୁ ଦଳୀୟ ଏମ୍‌ପି ପ୍ରାର୍ଥୀ ହୋଇଥିବାରୁ ନିର୍ବାଚନମଣ୍ଡଳୀକୁ ଯିବା ପୂର୍ବରୁ ନୃସିଂହ ନାଥଙ୍କୁ ଦର୍ଶନ କରିଥିଲେ। ଏହାପରେ ସେ ସମ୍ବଲପୁର ଯାଇ ସେଠାରେ ପ୍ରଚାର କାର୍ଯ୍ୟର ଶୁଭାରମ୍ଭ କରିବେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସହ ଭାଜପା ଢେଙ୍କାନାଳ ନିର୍ବାଚନମଣ୍ଡଳୀ ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ କାଳିନ୍ଦୀଚରଣ ସାମଲ ଏବଂ ପାଲଲହଡା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି, ନାଳମ ଗ୍ରାମର ବରିଷ୍ଠ ନାଗରିକ ଗଦାଧର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।


ନିଜ ଇଷ୍ଟଦେବ ନୃସିଂହ ନାଥଙ୍କୁ ଦର୍ଶନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟମାନେ।

# ଆଇଆଇସି ମନୋଜଙ୍କୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅପରେଶନ ପଦକ


କଣିହାଁ ଥାନା ଆଇଆଇସିଙ୍କୁ ପଦକ ପ୍ରଦାନ କରାଯାଉଛି।

ଡେରଙ୍ଗ/ କଣିହାଁ, ୨।୪ (ସଚ୍ଚିଦାନନ୍ଦ ପ୍ରଧାନ)

ପୋଲିସ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅପରେଶନ ପଦକ ପୁରସ୍କାର ପାଇଛନ୍ତି କଣିହାଁ ଥାନା ଆଇଆଇସି ମନୋଜ କୁମାର ପ୍ରଧାନ। ୮୯ତମ ଓଡ଼ିଶା ପୋଲିସ ଗଠନ ଦିବସରେ କଟକସ୍ଥିତ ଓଏସଏପି ଷଷ୍ଠ ବାଟାଲିଅନ ଗ୍ରାଉଣ୍ଡରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଉପସ୍ଥିତ ରହିବା ସହ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀଙ୍କ ଠାରୁ ପ୍ରଧାନ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ କହିଛନ୍ତି, ପଦକ ପାଇ ବହୁତ ଖୁସି। କର୍ମକୁ ସର୍ବଦା ଗୁରୁତ୍ୱ ଦେବା ଉଚିତ।

# ବଇଣ୍ଡା ନାଇଟ କ୍ରିକେଟ: ଗଡ଼ସନ୍ତ୍ରୀ ଚାମ୍ପିୟନ

ବଇଣ୍ଡା,୨।୪ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନୁନୁକାପଶିର କିଶୋରଗଞ୍ଜ ବିଦ୍ୟାଳୟ ଖେଳ ପଡିଆଠାରେ ଚାଲିଥିବା ରାତ୍ରିକାଳୀନ ବୁଲେଟ ବଏଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଧଉରାଗୋଠ କ୍ରିକେଟ କ୍ଲବକୁ ହରାଇ ଗଡ଼ସନ୍ତ୍ରୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ପ୍ରଥମେ ଧଉରାଗୋଠ ବ୍ୟାଟିଂ କରି ୫୭ ରନ ସଂଗ୍ରହ କରିଥିଲା। ଜବାବରେ ଗଡ଼ସନ୍ତ୍ରୀ ୫୮ ରନ କରି ଚାମ୍ପିୟନ ହୋଇଥିଲା। ବିଜୟୀ ଦଳର ରାଜେଶ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ଧଉରାଗୋଠର ରାଜେଶ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଏହି ମ୍ୟାଚକୁ ଶିବାଶିଷ ବେହେରା, ସରୋଜ ସାହୁ, ସୌରଭ ମିଶ୍ର ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, କିଶୋରନଗର ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ତପନ ସାହୁ, ମାନସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କ୍ଲବର ବିକି ସାହୁ , ଶୁଭମ ସେଠୀ, ହିମାଂଶୁ ସେଠୀ, ସୁବ୍ରତ ପ୍ରଧାନ, ନୀହାର ପ୍ରଧାନ, ଅଭି ସାହୁ, ଟିନୁ ବେହେରା ସହଯୋଗ କରିଥିଲେ।


ଫାଇନାଲ ମ୍ୟାଚ ପୂର୍ବରୁ ଅତିଥିମାନଙ୍କ ସହ ଖେଳାଳି ଓ ଆୟୋଜକମାନେ।

# ସମୃଦ୍ଧ ଇତିହାସ, ସଂସ୍କୃତି ପାଇଁ ଓଡ଼ିଶା ପରିଚିତ

ଅନୁଗୋଳ,୨।୪ (ଅମିତ କୁମାର ସାମଲ)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ପକ୍ଷରୁ ଏପ୍ରିଲ ୧ରେ ୮୯ ତମ ଓଡ଼ିଶା ଦିବସ ଅନୁଗୋଳସ୍ଥିତ କମ୍ପାନୀ ପରିସରରେ ପାଳିତ ହୋଇଯାଇଛି। କମ୍ପାନୀ ଅନୁଗୋଳ ୟୁନିଟ୍ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହନ, ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଏବଂ ଅନ୍ୟ ଅଧିକାରୀମାନେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଅନ୍ୟ ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଜେଏସ୍‌ପି ଅଧ୍ୟକ୍ଷ ନବୀନ ଜିନ୍ଦଲ ଏକ ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ନିଜର ଅଭିନନ୍ଦନ ଜଣାଇ ଲେଖିଥିଲେ, ଓଡ଼ିଶା ସମୃଦ୍ଧ ଇତିହାସ, ସଂସ୍କୃତି, ଚମତ୍କାର ଦୃଶ୍ୟ ଏବଂ ସୌନ୍ଦର୍ଯ୍ୟ ପାଇଁ ସୁପରିଚିତ। ପ୍ରଗତି ଏବଂ ସମୃଦ୍ଧତା ଏହାର ଏକ ଅଂଶ ହୋଇଥିବାରୁ ଗର୍ବିତ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ ମଲହନ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଓଡ଼ିଶା ସହ ଜେଏସ୍‌ପିର ତିନି ଦଶନ୍ଧି ଧରି ରହିଥିବା ସୁସମ୍ପର୍କର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶୀ, ସମ୍ବଲପୁରୀ, ଘୁମୁରା ନୃତ୍ୟ ସହିତ ଲାଇଭ ବ୍ୟାଣ୍ଡର ଅପୂର୍ବ ପ୍ରଦର୍ଶନ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ନେଇ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଓପି ଜିନ୍ଦଲ ସ୍କୁଲ ପରିସରରେ ମଧ୍ୟ ଓଡ଼ିଶା ଦିବସ ପାଳନ କରାଯାଇଥିଲା। ଏଥିରେ ସ୍କୁଲର କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଯୋଗଦେଇଥିଲେ। ଏହି ସମାରୋହରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ମୁଖ୍ୟ ଅତିଥି, କମ୍ପାନୀ ମାନବ ସମ୍ବଳ ବିଭାଗ ମୁଖ୍ୟ ଶୁଭଦୀପ ଖାଁ, ପ୍ରବନ୍ଧକ ଶରତ କୁମାର ପଣ୍ଡାଙ୍କ ସମେତ ସୀମା ମଲହନ, ଜିନ୍ଦଲ ମହିଳା ସମିତି ଅଧ୍ୟକ୍ଷା ଅନିତା ମିତ୍ତଲ, ସ୍କୁଲ ଅଧ୍ୟକ୍ଷା ଡା. ସୋନାଲି ବସୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ସମାରୋହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରୀଛାତ୍ର, କର୍ମଚାରୀ, ଅଭିଭାବକଙ୍କ ସହିତ ବିପୁଳ ସଂଖ୍ୟାରେ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଯୋଗଦେଇଥିଲେ।

**ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଓଡ଼ିଶା ଦିବସ ପାଳନ**


ଜେଏସ୍‌ପି ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ ପୁରସ୍କାର ପ୍ରଦାନ।

